# କବିତା-୨ : ଉଦ୍‌ବୋଧନ

## କବି- ଗଙ୍ଗାଧର ମେହେର

## ଶ୍ରେଣୀ – ଅଷ୍ଟମ

## ଚତୁର୍ଥ ଦିନ

**General Objectives -** ସାଧାରଣ ଆଭିମୁଖ୍ୟ :

୧. ଉଚ୍ଚଭିଳାଷୀ ହେବାକୁ ହେଲେ ମାତୃଭାଷାକୁ ସର୍ବପ୍ରଥମେ ଉଚ୍ଚ ଓ ଉନ୍ନତ କରିବାକୁ ପଡ଼ିବ ।

୨. ମାତୃଭାଷାହିଁ ଗୋଟିଏ ଜାତିର ଅସ୍ମିତାର ପରିଚୟ ତଥା ଦେଶର ବିକାଶରେ ମୂଳଦୁଆ ।

୩. ତେଣୁ ମାତୃଭାଷାର ଉନ୍ନତି ସମସ୍ତଙ୍କର ପରମ ଏବଂ ନୈତିକ କର୍ତ୍ତବ୍ୟ ।

**Specific Objectives -** ବିଶେଷ ଆଭିମୁଖ୍ୟ :

ଉଚ୍ଚ ହେବା ପାଇଁ କର ଯେବେ ଆଶା,

ଉଚ୍ଚ କର ଆଗେ ନିଜ ମାତୃଭାଷା ।

ODM EDUCATIONAL GROUP
Changing your Tomorrow

ପୂର୍ବପାଠର ଆଲୋଚନା କିଛି ପ୍ରଶ୍ନ ମାଧ୍ୟମରେ ପିଲାମାନଙ୍କୁ ଏକାଗ୍ର କରାଇବା ସହ ଶ୍ରେଣୀ ସାଜସଜ୍ଜାକୁ ଧ୍ୟାନ ଦେବା ଦୁର୍ବଳ ପିଲାମାନଙ୍କୁ ପାଠ ସହିତ ଜଡିତ କରାଇବା ପାଇଁ କୁଇଜ ଭଳି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଇବା ।

ପ୍ରଶ୍ନ : 'ଉଦ୍‌ବୋଧନ' କବିତାର କବିଙ୍କ ନାମ କ'ଣ ?

ODM EDUCATIONAL GROUP
Changing your Tomorrow

ଉଚ୍ଚ ହେବା ପାଇଁ କର ଯେବେ ଆଶା...............................ମାତୃଭାଷା ହୀନ ଏହି କବିତାଂଶର ସାରମର୍ମ ଆଲୋଚନା କରାଗଲା ।

ଉଚ୍ଚାଭିଳାଷୀ ହେବାକୁ ହେଲେ ନିଜ ମାତୃଭାଷାକୁ ସର୍ବ ପ୍ରଥମେ ଉଚ୍ଚ ଓ ଉନ୍ନତ କରିବାକୁ ହେବ । ନିଜ ହୃଦୟରେ ସର୍ବଦା ଉଚ୍ଚ ଅଭିଳାଷ ପୋଷଣ କରିବାକୁ ହେବ । ଆମୋଦପ୍ରମୋଦର ପଲଙ୍କରେ ବିଳାସ ବ୍ୟସନରେ ସୁଖ ସ୍ୱପ୍ନ ଦେଖି ଶୟନ କଲେ – ହୃଦୟରେ ଉଚ୍ଚାଭିଳାଷ କେବେ ପୂରଣ ହେବ ନାହିଁ ।

ଶବ୍ଦାର୍ଥ : ବିଳାସ – ସୁଖ

ପ୍ରତିବେଶୀ - ପଡୋଶୀ

ନବୀନ - ନୂଆ

ଅଭିଳାଷ – ଇଚ୍ଛା

ଶ୍ରେଣୀ – ସୋପାନ

ଭାଜନ - ଯୋଗ୍ୟ

ରାଜନ - ରାଜା

ଚରଣ - ପାଦ

ODM EDUCATIONAL GROUP
Changing your Tomorrow

ଆମର ପ୍ରଗତି ବିନା, ମାତୃଭାଷାର ଉନ୍ନତି ବିନା ଆମେ କେବେ ରାଜାନୁଗ୍ରହ ଲାଭ କରିପାରିବା ନାହିଁ । ଆମ ପ୍ରତିବେଶୀଙ୍କ ସହିତ ଆମେ କେବେ ତୁଳନୀୟ ହୋଇପାରିବା ନାହିଁ ।

ଅର୍ଥଗତ ପାର୍ଥକ୍ୟ : ଦିନ – ଦିବସ, ଦୀନ – ଗରିବ

ପୂର୍ବପାଠର ଆଲୋଚନା କିଛି ପ୍ରଶ୍ନ ମାଧ୍ୟମରେ ପିଲାମାନଙ୍କୁ ମନକୁ ପାଠ ପ୍ରତି କେନ୍ଦ୍ରୀଭୂତ କରି ପଢା ଆରମ୍ଭ କରିବା ।

ପ୍ରଶ୍ନ : 'ପ୍ରତିବେଶୀ' ଶବ୍ଦର ଅର୍ଥ କ'ଣ ?

ODM EDUCATIONAL GROUP
Changing your Tomorrow

ମାତୃଭାଷା ପୋଥି ଛୁଇଁବାକୁ କରେ .................................

କବିତାଂଶର ସାରମର୍ମ ଆଲୋଚନା କରିବା । ଆମ ମାତୃଭାଷାକୁ ହୀନ ବିବେଚନା କଲେ ଆମେ ସବୁଦିନ ହୀନମନ୍ୟ ହୋଇ ରହିଯିବା । ତେଣୁ ଉଚ୍ଚାଭିଳାଷୀ ହେବାକୁ ହେଲେ ଆମ ମାତୃଭାଷାରେ ରଚିତ ପୋଥିପୁସ୍ତକର ପ୍ରଶଂସାରେ ଆମେ ଶତମୁଖ ହୋଇ ଉଠିବା ।

ଶବ୍ଦାର୍ଥ : ନବୀନ - ନୂଆ ଆଲୋକ - ଆଲୁଅ

ଅଗ୍ରସର - ଆଗୁଆ ଦୀପ୍ତ - ଉଜ୍ଜ୍ୱଳ, ଧ୍ୟାନ –ଦୃଷ୍ଟି

ଆମୋଦ - କ୍ରୀଡା କୌତୁକ (ମଜା / ଆନନ୍ଦ, ବିଭୁ – ଈଶ୍ୱର)

ବିପରୀତ ଶବ୍ଦ : ନବୀନ - ପ୍ରାଚୀନ, ଆଲୋକ - ଅନ୍ଧାର, ମଙ୍ଗଳ - ଅମଙ୍ଗଳ, ଶୁଭ - ଅଶୁଭ, ସଫଳ - ଅସଫଳ, ଜୀବନ - ମୃତ୍ୟୁ

ପ୍ରତିଶବ୍ଦ : ନବୀନ - ନୂଆ, ନବ    ଲୋକ - ନର, ମଣିଷ    ଚକ୍ଷୁ - ଦୃଷ୍ଟି, ନେତ୍ର

## ଗୃହକର୍ମ

୫ଟି MCQ ପ୍ରସ୍ତୁତ କରିବାକୁ ଦିଆଯିବ ।

ସଂକ୍ଷିପ୍ତ ପ୍ରଶ୍ନ – ପ୍ରତିବେଶୀଙ୍କ ସହିତ ନିଜକୁ ତୁଳନା କରିବା ପାଇଁ କବି କାହିଁକି କହିଛନ୍ତି ?

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow